**OFFICE OF THE COLLECTOR & DM: NABARANGPUR**
**(ST & SC DEVELOPMENT SECTION)**
**AT-MAJHIGUDA, PO/DIST-NABARANGPUR-764059 (ODISHA)**
**Email ID: dwonaba.or@nic.in/dwonabarangpur@gmail.com**
**Phone: 06858-295017 Mobile: +91-8480772787**

ସଂଖ୍ୟା 528 /୨୦୨୧ ତା: 26 /୦୨/୨୦୨୧

# ବିଜ୍ଞାପନ

ଜିଲ୍ଲାପାଳ ,ନବରଙ୍ଗପୁର ଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ନିର୍ମାଣ କରାଯାଇଥିବା ୧୬ ଗୋଟି ନୂତନ ଦୋକାନ ଗୃହ ଆବଣ୍ଟନ କରିବା ନିମନ୍ତେ ଏତଦ୍ବାରା ନବରଙ୍ଗପୁର ବାସିନ୍ଦା ମାନଙ୍କ ଠାରୁ ଦରଖାସ୍ତ ଆହ୍ବାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି www.nabarangpur.nic.in web site କୁ ଯାଇ ଆବେଦନ ଫର୍ମ ଏବଂ ଆବେଦନର ସର୍ତ୍ତାବଳି ତା : **27.02.2021** ରିଖ ଠାରୁ ତା : **15.03.2021** ରିଖ ପର୍ଯ୍ୟନ୍ତ download କରି ଜିଲ୍ଲା ମଙ୍ଗଳ ଅଧିକାରୀ ,ନବରଙ୍ଗପୁର ଙ୍କ ନାମରେ ଟ -୧୦୦୦ ଙ୍କା ର ବ୍ୟାଙ୍କ ଡ୍ରାଫ୍ଟ ସଂଲଗ୍ନ କରି ଆବେଦନ କରିପାରିବେ କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କ କାର୍ଯ୍ୟାଳୟ ରୁ ଉକ୍ତ ସର୍ତ୍ତାବଳୀ ଓ ଆବେଦନ ଫର୍ମ ଟ -୧୦୦୦ ଙ୍କା ଜମା କରି ଉପର ଲିଖିତ ତାରିଖ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସ ମାନଙ୍କରେ ଅପରାହ୍ନ ୫.୩୦ ସୁଧା ପାଇପାରିବେ । ଦରଖାସ୍ତ ଗୁଡିକ କେବଳ Registered Post ମାଧ୍ୟମରେ ଧାର୍ଯ୍ୟ ତାରିଖ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଦରକାର । ପ୍ରକାଶ ଥାଉକି ଲଫାପା ଉପରେ "ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର" ଲେଖିବା ଜରୁରୀ ଅଟେ । ଧାର୍ଯ୍ୟ ସମୟ ପରେ ଆସିଥିବା ଦରଖାସ୍ତ ଗ୍ରହଣ କରାଯିବ ନହିଁ । ସମୟସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଗୁଡିକୁ ତା **୧୯.୦୩.୨୦୨୧** ପୂର୍ବାହ୍ନ **୧୧.୦୦** ଘଣ୍ଟିକା ସମୟରେ Mission Shakti Conference Hall ,ନବରଙ୍ଗପୁର ଠାରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଏବଂ ଜିଲ୍ଲା ସ୍ତରୀୟ କମିଟି ଦ୍ବାରା ଲଟେରୀ ମାଧ୍ୟମରେ ଚୟନ କରାଯିବ ।

ଜିଲ୍ଲା ମଙ୍ଗଳ ଅଧିକାରୀ,
ନବରଙ୍ଗପୁର

**ପରିପତ୍ର ସଂଖ୍ୟା** 529 /୨୦୨୧ ତା: 26 /୦୨/୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ ,ନବରଙ୍ଗପୁରଙ୍କ ସଦୟ ଗୋଚରାର୍ଥେ ପ୍ରେରଣ କରାଗଲା

ଜିଲ୍ଲା ମଙ୍ଗଳ ଅଧିକାରୀ,
ନବରଙ୍ଗପୁର

Scanned with CamScanner

ପରିପତ୍ର ସଂଖ୍ୟା 530 /୨୦୨୧ ତା : 26 /୦୨/୨୦୨୧

ଏହାର ଏକକିତା ନକଲ D.I.O ,N.I.C. ,ନବରଙ୍ଗପୁରଙ୍କ ଗୋଚରାର୍ଥେ ତଥା District web portal ରେ ତା : 27.02.2021 ରିଖ 10.00 ଘଟିକା ଠାରୁ ତା : 15.03.2021 ରିଖ ଅପରାହ୍ନ ଘ 5.30 ମିନିଟ ପର୍ଯ୍ୟନ୍ତ ପ୍ରକାଶିତ କରିବା ପାଇଁ ପ୍ରେରଣ କରାଗଲା ।

ଜିଲ୍ଲା ମଙ୍ଗଳ ଅଧିକାରୀ,
ନବରଙ୍ଗପୁର

ପରିପତ୍ର ସଂଖ୍ୟା 531 /୨୦୨୧ ତା : 26 /୦୨/୨୦୨୧

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଦର୍ଶାଇବାପାଇଁ ପ୍ରେରଣ କରାଗଲା ।

ଜିଲ୍ଲା ମଙ୍ଗଳ ଅଧିକାରୀ,
ନବରଙ୍ଗପୁର

Scanned with CamScanner

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ନୂତନ ଦୋକାନ ଗୃହ ଆବଣ୍ଟନର ସର୍ତ୍ତାବଳୀ

୦୧. ଆବେଦନକାରୀ ନବରଙ୍ଗପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଜରୁରୀ ଅଟେ ।

୦୨. ଆବେଦନକାରୀ ଙ୍କ ବୟସ ୧୮ ବର୍ଷ ରୁ କମ ହୋଇନଥିବା ଦରକାର ।

୦୩. ବାହାର ଜିଲ୍ଲାର ଆବେଦନକାରୀ ଙ୍କ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

୦୪. ଜଣେ ବ୍ୟକ୍ତି କେବଳ ଗୋଟିଏ ଦୋକାନ ଗୃହ ପାଇଁ ଆବେଦନ କରିପାରିବେ ।

୦୫. ଯଦି ଦରଖାସ୍ତକାରୀ ଙ୍କ ସଂଖ୍ୟା ଦୋକାନ ଗୃହ ସଂଖ୍ୟା ଠାରୁ ଅଧିକା ହୁଏ ତେବେ ଲଟେରୀ ମାଧ୍ୟମରେ ଦୋକାନ ଗୃହ ବଣ୍ଟନ କରାଯିବ ।

୦୬. ଦୋକାନ ଗୃହ ଗୁଡିକର ଚୁକ୍ତିନାମା ଅବଧି ୦୧ ବର୍ଷ ରହିବ । ସେହି ଚୁକ୍ତିନାମାକୁ ବର୍ଷ କୁ ବର୍ଷ ନବୀକରଣ କରାଯିବ ଯଦି Allottee MoU ରେ ଥିବା ସମସ୍ତ ସର୍ତ୍ତାବଳୀ କୁ ମାନନ୍ତି ।

୦୭. ଆବଣ୍ଟନ ହେଉଥିବା ଦୋକାନ ଗୃହ ଗୁଡିକରେ କୌଣସି ପ୍ରକାର ନିଶା ଦ୍ରବ୍ୟ ଏବଂ ଆମିଷ ଦୋକାନ ଖୋଲାଯାଇ ପାରିବ ନାହିଁ ।

୦୮. ପ୍ରତି ବର୍ଷ ଦୋକାନ ଗୃହ ର ଭଡା ଜିଲ୍ଲା ସ୍ତରୀୟ କମିଟି ର ନିଷ୍ପତ୍ତି ଅନୁସାରେ ବୃଦ୍ଧି କରାଯିବାର ବ୍ୟବସ୍ଥା ରହିଛି ।

୦୯. ଦୋକାନଗୃହ ଆବଣ୍ଟନ ହୋଇଥିବା ବ୍ୟକ୍ତି ବିଶେଷ ନିଜ ଖର୍ଚରେ ଦୋକାନର ବିଦ୍ୟୁତ ମିଟର ସ୍ଥାପନ କରିବେ ଓ ବିଦ୍ୟୁତ ଦେୟ ନିୟମିତ ପୈଠ କରିବେ । ଦୋକାନଗୃହ ଗୁଡିକୁ ନିଜର ସମ୍ପତ୍ତି ଭାବି ପରିଷ୍କାର ପରିଛନ୍ନ ରଖିବେ ।

୧୦. ଜିଲ୍ଲାପାଳ ନବରଙ୍ଗପୁର ଙ୍କ ବୀନା ଅନୁମତିରେ ଦୋକାନ ଗୃହ ର କୌଣସି ଅଂଶ ବଦଳାଇ ପାରିବେ ନାହିଁ

୧୧. Allottee ଙ୍କର ଦେହାନ୍ତ ହେଲେ ତାଙ୍କର ଉତ୍ତରାଧିକାରୀଙ୍କୁ ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ ପରେ ପୁନର୍ବାର ଚୁକ୍ତିନାମା ପାଇଁ ପଦକ୍ଷେପ ନିଆଯିବ ।

୧୨. ଯଦି କୌଣସି ବ୍ୟକ୍ତି ଦୋକାନ ଗୃହ ର ମାସିକ ଭଡା ଜମା ନ କରି କ୍ରମାନ୍ୱୟରେ ୧୮୦ ଦିନ ଦୋକାନ ବନ୍ଦ କରିରଖିଥାନ୍ତି ତାହେଲେ ତାଙ୍କର ଚୁକ୍ତିନାମା କୁ ରଦ୍ଦ କରାଯାଇ ଦୋକାନ ଗୃହ ର ଚାବିକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ ଭଙ୍ଗାଯାଇ ଗଚ୍ଛିତ ଥିବା ଦ୍ରବ୍ୟକୁ ସର୍ବ ସାଧାରଣରେ ନିଲାମ କରାଯିବ ଏବଂ ବକିଥିବା ଦୋକାନ ଗୃହର ଭଡାକୁ ଅମାନତ ଟଙ୍କାରୁ ଭରଣା କରାଯିବ ।

୧୩. ଦୋକାନ ଗୃହ ର ସ୍ୱଳ୍ପ ଖର୍ଚର ମରାମତି ( ଟ . ୧୦୦୦ ମଧ୍ୟରେ ) Allottee ନିଜେ ବହନ କରିବେ । ଏହାଠାରୁ ଅଧିକ ଖର୍ଚ ଉପଲବ୍ଧି କଲେ ତୁରନ୍ତ ଜିଲ୍ଲାପାଳ ଙ୍କୁ ଲିଖିତ ଭାବେ ଜଣାଇବେ ।

୧୪. ଚୁକ୍ତିନାମା ପ୍ରକାରେ ଗ୍ରାହକ ନିଜ ଦୋକାନ ଗୃହ କୁ ଅନ୍ୟକୁ ହସ୍ତାନ୍ତର କରିପାରିବେ ନାହିଁ ।

୧୫. ମାସିକ ଭଡା ଦୋକାନ ପିଛା ଟ . ୩୨୦୦ /- ଧାର୍ଯ୍ୟକରାଯାଇଅଛି ।

୧୬. ଯେଉଁ ଦରଖାସ୍ତକାରୀ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଯୋଗ୍ୟ ବିବେଚିତ ହୁଅନ୍ତି , ସେ ଟ. ୫୦,୦୦୦/- ଙ୍କା ର Security Deposite ବାନ୍ଧିବା ପରେ ତାଙ୍କୁ ଦୋକାନ ଗୃହ ହସ୍ତାନ୍ତର କରାଯିବ ।

Scanned with CamScanner

Security Deposite କଲା ପରେ ଉକ୍ତ ବ୍ୟକ୍ତିଙ୍କ ସହିତ MoU ସ୍ୱାକ୍ଷର କରାଯିବ । MoU ର କୌଣସି ସର୍ତ୍ତାବଳୀ ଯଦି allottee ଭଙ୍ଗ କରନ୍ତି ତେବେ ଦୋକାନ ଗୃହ ର ଆବଣ୍ଟନ ରଦ୍ଦ କରାଯିବ ।

୧୭. ଧାର୍ଯ୍ୟକରାଯାଇଥିବା ମାସିକ ଭଡା ମଧ୍ୟରେ electricity charges ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଅନ୍ତର୍ଭୁକ୍ତ ନୁହେଁ ।

୧୮. ଆବେଦନକାରୀ ତାଙ୍କ ଦରଖାସ୍ତ ଫର୍ମ ରେ କୌଣସି ନିର୍ଦ୍ଦିଷ୍ଟ ଦୋକାନ ଗୃହ ନେବାପାଇଁ ପାଇଁ ଆବେଦନ କରିପାରିବେ ନହିଁ । ଚୟନ କରାଯାଇଥିବା ବ୍ୟକ୍ତି ଙ୍କୁ ଲଟେରୀ ମାଧ୍ୟମରେ ଦୋକାନ ଗୃହ ଆବଣ୍ଟନ କରାଯିବ

୧୯. ଆବେଦନକାରୀ କେବଳ ବିହିତ ଦରଖାସ୍ତ ଫର୍ମ ମାଧମରେ ଆବେଦନ କରିପାରିବେ । ନିର୍ଦ୍ଧାରିତ ଫର୍ମ ଛଡା ଅନ୍ୟ ମାଧମରେ ଆବେଦନ କଲେ କିମ୍ବା ଅସମ୍ପୂର୍ଣ୍ଣ ଭାବେ ପଠାଯାଇଥିବା ଦରଖାସ୍ତ କୁ ନାକଚ କରାଯିବ।

ଜିଲ୍ଲା ମଙ୍ଗଳ ଅଧିକାରୀ,
ନବରଙ୍ଗପୁର

Scanned with CamScanner

# ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ନୂତନ ଦୋକାନ ଗୃହ ଆବଣ୍ଟନ ନିମନ୍ତେ

## ଆବେଦନ ପତ୍ର

୦୧. ଆବେଦନକାରୀଙ୍କ ନାମ ଏବଂ ବୟସ :-

୦୨. ପିତା / ସ୍ବାମୀଙ୍କ ନାମ :-

୦୩. ଯୋଗାଯୋଗ ଠିକଣା( ମୋବାଇଲ ନମ୍ବର ସହିତ ):-

୦୪. ସ୍ଥାୟୀ ଠିକଣା :-

୦୫. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ନମ୍ବର (ନକଲ ସଂଲଗ୍ନ କରନ୍ତୁ ) :- ହଁ / ନା

୦୭. ଭୋଟ ପରିଚୟ ପତ୍ର /ଆଧାର କାର୍ଡ ନମ୍ବର :- (ନକଲ ସଂଲଗ୍ନ କରନ୍ତୁ ) ହଁ / ନା

୦୮. କେଉଁ ବ୍ୟବସାୟ କରିବାକୁ ଚାହୁଁଛନ୍ତି :-

୦୯. ଆଗରୁ ଆପଣଙ୍କ ନାମରେ ନିୟନ୍ତ୍ରିତ ବଜାର ସମିତି କିମ୍ବା ସମନ୍ବିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ବାରା ଦୋକାନ ଗୃହ ଆବଣ୍ଟନ ହୋଇଛି କି ? :- ହଁ / ନା

୧୦. କାଗଜାଦି ମୂଲ୍ୟ ଜମା ଟ. ୧୦୦୦ /- ଡ୍ରାଫ୍ଟ ନମ୍ବର ______________ ତାରିଖ ______________
କିମ୍ବା କାର୍ଯ୍ୟାଳୟର ରସିଦ ନମ୍ବର ______________ ତାରିଖ ______________

**ଏତଦ୍ବାରା ମୁଁ ଘୋଷଣା କରୁଛି ଯେ , ମୋ ଦ୍ବାରା ପ୍ରଦତ୍ତ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଯଦି ଭବିଷ୍ୟତରେ ଏହା ଭୁଲ ପ୍ରମାଣିତ ହୁଏ ତାହେଲେ ମୋ ବିରୁଦ୍ଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଦାୟୀ ରହିବି ।**

ସ୍ଥାନ :

ତାରିଖ :

**ଦରଖାସ୍ତକାରୀଙ୍କ ସ୍ବାକ୍ଷର**

Scanned with CamScanner